# NATIONAL NEWS BULLETIN (ODIA)

## 12 October - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ହିଂସା ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାନାଡାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଜାମ୍ମୁ କାଶ୍ମୀରରେ ସରକାର ଗଠନ ନେଇ ଉପରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଓମାର ଅବଦୁଲ୍ଲା
- ଯାତ୍ରୀଙ୍କ ସୁରକ୍ଷା ଓ ବିମାନ ଚଳାଚଳ କ୍ଷେତ୍ରରେ ସର୍ବୋଚ୍ଚ ମାନର ନିରାପତ୍ତାକୁ ପ୍ରାଥମିକତା ଦେଉଛନ୍ତି ସରକାର, କହିଲେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ
- ଶକ୍ତିପୀଠ ଗୁଡ଼ିକରେ ଆଜି ପାଳନ କରାଯାଉଛି ବିଜୟା ଦଶମୀ

ଏବଂ

- ଭାରତ-ବାଂଲାଦେଶ ତୃତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ଆଜି ହାଇଦ୍ରାବାଦଠାରେ ଖେଳାଯିବ ।

## କାନାଡା ପିଏମ୍

ଲାଓସ୍ ପିପୁଲ୍ ଡେମୋକ୍ରାଟିକ୍ ରିପବ୍ଲିକ୍‌ର ଭିଏଣ୍ଟିଆନେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି କାନାଡା ପ୍ରତିପକ୍ଷ ଜଷ୍ଟିନ ଟ୍ରୁଡୁଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା କାଳରେ ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ କୌଣସି ବିଶେଷ ଆଲୋଚନା ହୋଇନଥିବା ଜଣାପଡ଼ିଛି । କାନାଡାରେ ଖଲିସ୍ତାନ କାର୍ଯ୍ୟକଳାପକୁ ନେଇ ଭାରତ ଚିନ୍ତା ପ୍ରକଟ କରିବା ସହ ହିଂସା, ଉଗ୍ରବାଦ ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ଭାରତ କାନାଡା ସହ ନିଜର ସଂପର୍କକୁ ଗୁରୁତ୍ୱ ଦେଉଥିବା ବେଳେ କାନାଡା ସରକାର ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେଲେ ସଂପର୍କରେ ସୁଧାର ଆସିପାରିବ । ଭାରତ ବିରୋଧୀ କାର୍ଯ୍ୟକଳାପ ଉଭୟ ଦେଶରେ ଘୃଣା, ଅପପ୍ରଚାର ଏବଂ ସାଂପ୍ରଦାୟିକ ବିଭେଦକୁ ପ୍ରୋତ୍ସାହନ ପ୍ରଦାନ କରୁଛି ବୋଲି ସୂତ୍ରରୁ ଜଣାପଡ଼ିଛି ।

## ଜେକେ-ଗଭ୍ ଫର୍ମେସନ

ଜାମ୍ମୁ କାଶ୍ମୀରରେ ସରକାର ଗଠନ ନେଇ ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଉପରାଜ୍ୟପାଳଙ୍କଠାରେ ଦାବି ଉପସ୍ଥାପନ କରିଛନ୍ତି । ମେଣ୍ଟର ସହଯୋଗୀ ଦଳ କଂଗ୍ରେସ, ସିପିଆଇଏମ୍, ଆପ୍ ଏବଂ ବିଜୟୀ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଗତକାଲି ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସାକ୍ଷାତ

କରି ସରକାର ଗଠନ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି । ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ଓମାର କହିଛନ୍ତି ଶପଥ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ କରିବାକୁ ଉପରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି ।

# ପିଏମ୍-ସୂର୍ଯ୍ୟଘର ମାର୍ଗଦର୍ଶିକା

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ ମାର୍ଗଦର୍ଶିକା ଜାରି ହୋଇଛି । ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଏହି ଯୋଜନା ଅଧୀନରେ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ମାଧ୍ୟମରେ ସୋଲାର ପ୍ୟାନେଲ୍‌ର ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରକ୍ରିୟା ଅନ୍ତର୍ଭୁକ୍ତ ରହିଛି । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଅନୁଷ୍ଠାନ ଏବଂ ଶିଳ୍ପସଂସ୍ଥାଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଜାତୀୟ ସୌରଶକ୍ତି ପ୍ରତିଷ୍ଠାନକୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଚିହ୍ନଟ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ମନୋନୀତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ମୋଟ୍ ମୂଲ୍ୟର ୬୦ ପ୍ରତିଶତ ବା ୩୦ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ ଗତ ଫେବୃୟାରୀ ମାସରେ ପି.ଏମ୍. ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି ।

# ଡିଜିସିଏ-ଏୟାର ଇଣ୍ଡିଆ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ କହିଛନ୍ତି ଯାତ୍ରୀଙ୍କ ସୁରକ୍ଷା ତଥା ବିମାନ ଚଳାଚଳ କ୍ଷେତ୍ରରେ ସର୍ବୋଚ୍ଚ ମାନର ନିରାପତ୍ତାକୁ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି । ଏୟାର ଲାଇନ୍ସ ଗୁଡ଼ିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ସହ ଏ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଗତକାଲି ତିରୁଚିରାପଲୀ ବିମାନ ବନ୍ଦରରେ ଜରୁରୀ ଅବତରଣର କାରଣ ଜାଣିବା ପାଇଁ ଯାଞ୍ଚ କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କୁ ଦିଆଯାଇଛି । ସୂଚନାଯୋଗ୍ୟ ତ୍ରିଚି ରୁ ସାରଜା ଅଭିମୁଖେ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆର ଏହି ଯାତ୍ରୀବାହୀ ବିମାନଟି ହାଇଡ୍ରୋଲିକ୍ ଫେଲ୍ କାରଣରୁ ଜରୁରୀ ଅବତରଣ କରିଥିଲା । ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ପାଇଲଟ ବିମାନଟିକୁ ସୁରକ୍ଷିତ ଅବତରଣ କରାଇଥିଲେ । ଫଳରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି । ତେବେ ପ୍ରତ୍ୟେକ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିମାନର କର୍ମଚାରୀ ସୁରକ୍ଷା ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ଗ୍ରହଣ କରିଥିଲେ ।

# ଏଫ୍‌ବିଆଇ-ପିୟୁଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ପାରସ୍ପରିକ ବୁଝାମଣା ଏବଂ ସହଯୋଗ ଦ୍ୱାରା ଭାରତ-ୟୁରୋପ ବାଣିଜ୍ୟ ଅଧିକ ତ୍ୱରାନ୍ୱିତ

ହୋଇପାରିବ । ନୂଆଦିଲ୍ଲୀଠାରେ ଗତକାଲି ୟୁରୋପୀୟ ବ୍ୟାବସାୟିକ ସଂଘକୁ ଭାରତରେ ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ପାରସ୍ପରିକ ସହଯୋଗ ମାଧ୍ୟମରେ ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଆବଶ୍ୟକ । ୟୁରୋପୀୟ ସଂଘର ନୀତି ଏବଂ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଭାରତୀୟ ଶିଳ୍ପ କ୍ଷେତ୍ରକୁ ଅଧିକ ପ୍ରଭାବିତ କରିଛି ବୋଲି ସେ କହିଛନ୍ତି ।

ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ଗଣତନ୍ତ୍ର, ଆଇନ ବ୍ୟବସ୍ଥା, ନିର୍ଣ୍ଣାୟକ ନେତୃତ୍ୱ ଯୋଗୁଁ ଭାରତ ପ୍ରତି ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକ ଆକର୍ଷିତ ହେଉଛନ୍ତି ।

## ଦଶହରା

ଶକ୍ତିପୀଠ ଗୁଡ଼ିକରେ ଆଜି ବିଜୟା ଦଶମୀ ବା ଦଶହରା ପାଳନ କରାଯାଉଛି । ରାବଣ ଉପରେ ଭଗବାନ ରାମଙ୍କ ବିଜୟକୁ ସ୍ମରଣ କରିବା ଅର୍ଥାତ୍ ମନ୍ଦ ଉପରେ ଭଲର ବିଜୟର ପ୍ରତୀକକୁ ଆଜି ଏହି ଦିବସ ସ୍ମରଣ କରାଇଥାଏ ।  ଅନ୍ୟପକ୍ଷରେ ପୂଜାମଣ୍ଡପ ଗୁଡ଼ିକରେ ଆଜି ମହାନବମୀ ପାଳନ କରାଯାଉଛି । ଏଥିପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ଲାଗିଛି ।

ବିଜୟା ଦଶମୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି ଏହି ପର୍ବ ଅନ୍ୟାୟ ଉପରେ ନ୍ୟାୟର ବିଜୟର ପ୍ରତୀକ ବୋଲି କହିଛନ୍ତି । ସମ୍ମାନ, ପ୍ରତିବଦ୍ଧତା, ପବିତ୍ର

ଆଚରଣ, ନମ୍ରତା ଏବଂ ନ୍ୟାୟ ପାଇଁ ସାହସିକ ସଂଘର୍ଷର ଅନେକ ପ୍ରେରଣାଦାୟକ କାହାଣୀ ଏହି ପର୍ବ ସହ ଜଡ଼ିତ । ଆସ୍ଥା ଏବଂ ଉତ୍ସାହର ଏହି ପର୍ବ ସମସ୍ତଙ୍କ ପାଇଁ ସଫଳତା, ସମୃଦ୍ଧି ଏବଂ ଖୁସି ଆଣିଦେଉ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

## ଇନ୍‌କମ୍ ଟ୍ୟାକ୍ସ

୨୦୨୪-୨୫ ଆର୍ଥିକବର୍ଷରେ ଏପର୍ଯ୍ୟନ୍ତ ପ୍ରତ୍ୟକ୍ଷ କର ବାବଦରେ ୧୩ ଲକ୍ଷ ୫୭ ହଜାର କୋଟିରୁ ଅଧିକ ଟଙ୍କା ଆଦାୟ ହୋଇଛି । ଆୟକର ବିଭାଗ ଏ ସଂପର୍କରେ ସୂଚନା ଦେଇ କହିଛି ସେଥିମଧ୍ୟରେ ୭ଲକ୍ଷ କୋଟିରୁ ଅଧିକ ଟଙ୍କା ବ୍ୟକ୍ତିଗତ କର ଏବଂ ୬ଲକ୍ଷ କୋଟିରୁ ଅଧିକ ଟଙ୍କା କର୍ପୋରେଟ୍ କର ଭାବରେ ଆଦାୟ ହୋଇଛି । ଗତକାଲି ସୁଦ୍ଧା ୨ ଲକ୍ଷ ୩୧ ହଜାର କୋଟିରୁ ଅଧିକ ଟଙ୍କା ଫେରସ୍ତ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ପ୍ରତ୍ୟକ୍ଷ କର ସଂଗ୍ରହ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ବିଭାଗ କହିଛି ।

## ଟ୍ରେନ୍

ଦକ୍ଷିଣ ରେଳପଥର ଚେନ୍ନାଇ ଡିଭିଜନ ଅନ୍ତର୍ଗତ ଗୁମ୍ମିଦିପୋଣ୍ଡି ନିକଟରେ କାବରପେଟାଇଠାରେ ମହୀଶୂର-ଦରଭଙ୍ଗା ବାଗମତୀ ଏକ୍ସପ୍ରେସ୍ ଗତରାତିରେ ଲାଇନ୍ ଚ୍ୟୁତ୍ ହୋଇଛି । ଏକ ମାଲବାହୀ ଟ୍ରେନ୍ ସହ ଏକ୍ସପ୍ରେସ୍ ଟ୍ରେନ୍‌ଟି ଧକ୍କା ହେବା ପରେ ପ୍ରାୟ ୧୩ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ଆହତ ଯାତ୍ରୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

ଦକ୍ଷିଣ ରେଳବାଇ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଚେନ୍ନାଇ ନିକଟରେ ପୋନ୍ନେରୀ ଅତିକ୍ରମ କରିବା ପରେ ଯାତ୍ରୀବାହୀ ଟ୍ରେନ୍‌ଟି ଲୁପ୍ ଲାଇନ୍‌ରେ ପ୍ରବେଶ କରି ସେଠାରେ ଛିଡ଼ା ହୋଇଥିବା ମାଲବାହୀ ଗାଡ଼ି ସହ ଧକ୍କା ହୋଇଥିଲା । ଏନ୍‌ଡିଆରଏଫ୍ ଦଳ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଦୁର୍ଘଟଣାର କାରଣ ଅନୁସନ୍ଧାନ ସହ ସ୍ଥିତି ନେଇ ରେଳବାଇ କର୍ତ୍ତୃପକ୍ଷ  ଯାଞ୍ଚ କରୁଥିବା ଜଣାପଡ଼ିଛି । ସେହି ସେକ୍ସନର ଉଭୟ ପଟୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା । ଦକ୍ଷିଣ ରେଳବାଇ ଚେନ୍ନାଇ ଡିଭିଜନ ପକ୍ଷରୁ ସୂଚନା ପ୍ରଦାନ ପାଇଁ ଜରୁରୀକାଳୀନ ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି ।

## ଟି-୨୦

ଭାରତ -ବାଂଲାଦେଶ ୩ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ହାଇଦ୍ରାବାଦଠାରେ  ସନ୍ଧ୍ୟା ୭ଟାରେ ଖେଳାଯିବ । ପ୍ରଥମ ଦୁଇଟିଯାକ ମ୍ୟାଚ୍ ଜିତି ଭାରତୀୟ ଦଳ ଏହି ସିରିଜ୍‌କୁ ଅକ୍ତିଆର କରିସାରିଛି । ଗ୍ୱାଲିୟରଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ବିଜୟୀ ହୋଇଥିବା ବେଳେ,  ଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ୮୬ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି ।

# ମହିଳା ଟି-୨୦

ଆଇସିସି ମହିଳା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ' ପାକିସ୍ତାନକୁ ୯ ୱିକେଟ୍‌ରେ ହରାଇ ଦେଇଛି । ଟସ୍ ଜିତି ଅଷ୍ଟ୍ରେଲିଆ ପାକିସ୍ତାନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଅଷ୍ଟ୍ରେଲିଆର ବୋଲିଂ ବିପକ୍ଷରେ ପାକିସ୍ତାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା । ଗୋଟିଏ ବଲ୍ ବାକି ଥାଇ ସମସ୍ତ ୱିକେଟ୍ ବିନିମୟରେ ପାକିସ୍ତାନ ୮୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ୧୧ ଓଭର୍‌ରେ ୧ ୱିକେଟ୍ ବିନିମୟରେ ଆବଶ୍ୟକୀୟ ସ୍କୋର କରିନେଇଥିଲା ।  ଆସ୍ଲେ ଗାର୍ଡନର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

# ଇଣ୍ଡିଆ ସ୍କ୍ୱାର୍ଡ ନିଉଜିଲ୍ୟାଣ୍ଡ

ନିଉଜିଲ୍ୟାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ୧୫ ଜଣିଆ ଖେଳାଳିଙ୍କ ନାମ ଘୋଷଣା କରିଛି । ରୋହିତ ଶର୍ମା ଅଧିନାୟକ ଏବଂ ଯଶପ୍ରୀତି ବୁମ୍ରା ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି । ଆହତ କାରଣରୁ ମହମ୍ମଦ ସାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ । ବିରାଟ କୋହଲି, କେ.ଏଲ୍. ରାହୁଲ, ସର୍ଫରାଜ ଖାନ୍, ରବିଚନ୍ଦ୍ରନ୍ ଅଶ୍ୱିନୀ, ରବୀନ୍ଦ୍ର ଯାଡ଼େଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ରିଷଭ ପନ୍ଥ, ଧ୍ରୁବ ଜୁରାଇ, ମହମ୍ମଦ ସିରାଜ୍, ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗୀଲ ଏବଂ

ଆକାଶଦୀପ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି । ବେଙ୍ଗାଲୁରୁଠାରେ ଆସନ୍ତା ୧୬ ତାରିଖ ଦିନ ପ୍ରଥମ ଟେଷ୍ଟ, ପୁଣେଠାରେ ୨୪ ତାରିଖରେ ଦ୍ୱିତୀୟ ଟେଷ୍ଟ ଏବଂ ମୁମ୍ବାଇଠାରେ ନଭେମ୍ବର ପହିଲାର ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ । ବିଶ୍ୱ ଟେଷ୍ଟ ଚମ୍ପିୟାନ୍‌ସିପ୍‌ରେ ଭାରତ ଶୀର୍ଷସ୍ଥାନରେ ରହିଥିବା ବେଳେ ନିଉଜିଲ୍ୟାଣ୍ଡ ଷଷ୍ଠ ସ୍ଥାନରେ ରହିଛି ।